# କୋଭିଡ୍-୧୯ ସଂପର୍କୀତ ସାପ୍ତାହିକ ପ୍ରଗତି ସୂଚନା
# ୨୪ ମାର୍ଚ୍ଚ ୨୦୨୦

ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଆନ୍ଦୋଳନ ର ପ୍ରତିକ୍ରୀୟା ଓ ସ୍ଥିତି
ଜନ ସ୍ୱାସ୍ଥ୍ୟ ଅଭିଯାନ (JSA) ଏବଂ ଅଲ୍ ଇଣ୍ଡିଆ ପିଁପୁଲସ୍ ସାଇନସ୍ ନେଟୱାର୍କ (AIPSN)ଙ୍କ ଦ୍ୱାରା ପ୍ରେରିତ

୧. କରୋନା ଭାଇରସ୍ ଜନିତ ଗୋଷ୍ଠି ସଂକ୍ରମଣ ସମ୍ଭବତଃ ବହୁତ ଭାବରେ ଭାରତରେ ସଂକ୍ରମିତ ହୋଇସାରିଛି, ଯାହାକୁ କି ବର୍ତ୍ତମାନ ତୃତୀୟ ସୋପାନ ରୂପେ ଗଣାଯାଇପାରେ । ଦ୍ୱିତୀୟ ସୋପାନରେ ହୋଇଥିବା ପ୍ରଭାବ ବିରୋଧ କରିବା ନୀତିରେ ସଂପୂର୍ଣ୍ଣ ଦୁର୍ବଳତା, ସ୍ପଷ୍ଟଭାବରେ ବିମାନଯାତ୍ରୀ ମାନଙ୍କୁ ଭାରତ ମଧ୍ୟରେ ପ୍ରବେଶ କରିବା ଉପରେ କଟକଣା କରିବାରେ ବିଳମ୍ବ ଏବଂ ନିର୍ଦ୍ଦିଷ୍ଟ ଭାବେ ଫଳପ୍ରଦ ଗୃହ ସଂଗରୋଧ ବ୍ୟବସ୍ଥା ଦ୍ୱାରା ଘଟିଥିବା ଗୋଷ୍ଠି ସଂକ୍ରମଣଙ୍କୁ ଏଡ଼ାଇବା ପ୍ରାୟ ଅନିର୍ବାର୍ଯ୍ୟ ଥିଲା । ପ୍ରଭାବ ନିରୋଧ କରିବା ନୀତି ରୋଗ ବ୍ୟାପିବାଟାକୁ କମାଇପାରେ, ମାତ୍ର ରୋଗ ପ୍ରତିରୋଧ କରିପାରେ ନାହିଁ ।

୨. <u>ସରକାର ଜନ ସାଧାରଣଙ୍କୁ ସୂଚନା ପ୍ରଦାନ ନ କରିବା ଯୋଗୁ ଆମେ ଚିନ୍ତିତ ।</u> ସମସ୍ୟାର ଏହା ଯେ, ସରକାର ଲାବରୋଟୋରୀରେ କୋଭିଡ୍-୧୯ ପରୀକ୍ଷାପରେ ଚିହ୍ନଟ ରୋଗୀଙ୍କ ସଂଖ୍ୟାକୁ ଲୋକଙ୍କୁ ଅବଗତ କରାଇବା, କିନ୍ତୁ, ସୁନିଶ୍ଚିତ ରୋଗୀଙ୍କ ସଂଖ୍ୟା ବହୁତ କମ୍ ଏଥିପାଇଁ ଯେ ପରୀକ୍ଷା କରିବା ପାଇଁ ବହୁତ କମ୍ ରକ୍ତନମୁନା ଆସେ । ଅତଏବ, ଭାରତରେ ଇନ୍‌ଫ୍ଲୁଏଞ୍ଜା ସଂନିରୀକ୍ଷଣ ପଦ୍ଧତିର ପ୍ରଚଳନ ଅଛି ଯେଉଁଥିରେ ଇନ୍‌ଫ୍ଲୁଏଞ୍ଜା ଜନିତ ଅସୁସ୍ଥତାକୁ (ILI) ର ଲିଖିତ ବିବରଣୀ ଦିଆଯାଏ ଏବଂ ତୀବ୍ର ଉତ୍କଟ ଶ୍ୱାସପ୍ରଶ୍ୱାସ ଜନିତ ଅସୁସ୍ଥତା (SARI)ର ଲିଖିତ ତଥ୍ୟ ନିୟମିତ ସଂଗ୍ରହ କରାଯାଏ । ଆମେ ବିଶ୍ୱାସ କରୁଯେ, ଅସୁସ୍ଥତାର ବିବରଣୀ ପ୍ରଦାନର ଏପରି ମାଧ୍ୟମ ଏକ ପ୍ରକୃଷ୍ଟ ଧାରା, ଯାହା ନିର୍ବିବାଦରେ ବର୍ତ୍ତମାନ ପରିପ୍ରେକ୍ଷୀରେ କୋଭିଡ୍-୧୯ ପାଇଁ ପ୍ରୟୋଗ କରାଯାଇପାରେ । ପୂର୍ବରୁ ଏହି ବିବରଣୀ ଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଆସୁଥିଲା, କିନ୍ତୁ ବର୍ତ୍ତମାନ ଫେବୃୟାରୀ ୨୩ ପର୍ଯ୍ୟନ୍ତ ଏହାର ଶେଷ ବିବରଣୀ ଲୋକଙ୍କୁ ପ୍ରଦାନ କରାଯାଇଛି । ସମ୍ଭବତଃ ସୂଚନାପ୍ରଦାନ ନକରିବାର ମୂଳ କାରଣ ଆତଙ୍କ ସୃଷ୍ଟିକୁ ପ୍ରତିରୋଧ କରିବା । ଅତଏବ ତଥ୍ୟ ପ୍ରଦାନ ନ କରିବାର ଧାରାରେ ସମସ୍ୟା ଏହାଯେ, ସାରାଦେଶରେ କାର୍ଯ୍ୟରତ ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ବ୍ୟକ୍ତିବିଶେଷ ନିଜକୁ ସୁରକ୍ଷିତ ରଖିବାରେ ଅପ୍ରସ୍ତୁତ ରହିବେ କିମ୍ବା ଏହାମଧ୍ୟ ଦେଶର ନାଗରିକ ମାନଙ୍କୁ ଅନ୍ଧକାରରେ ରଖିବା ସହ ଏକ ନିରାପତ୍ତାର ଏକ ମିଥ୍ୟା ବୋଧ ବହନ କରିବ । ଫଳରେ ଆମ ପାଖରେ ଅନେକ ସନ୍ଦେହାତ୍ମକ କୋଭିଡ୍-୧୯ର ନମୁନା ପରୀକ୍ଷାଗାରରେ ପରୀକ୍ଷା କରିବା ପାଇଁ ପହଞ୍ଚିବ, କିନ୍ତୁ ବର୍ତ୍ତମାନ ପୃଥିକୀକରଣ କିମ୍ବା ଅଲଗା ଭାବେ ରୋଗୀମାନଙ୍କର ଆଗମନ ସେମାନଙ୍କ ପାଇଁ ହୁଏ ନାହିଁ । ତେଣୁ ଡାକ୍ତରଖାନା ଓ ସେବାପ୍ରଦାନକାରୀ ମାନେ ନିଜେ ରୋଗ ସଂକ୍ରମଣ ବ୍ୟାପିବାର ମୁଖ୍ୟ ଆୟୁଧ ବନିଯାଇଥାନ୍ତି । ତେଣୁ ଜରୁରୀ ଆବଶ୍ୟକତା ଏହି ଯେ-

କ) କୋଭିଡ୍-୧୯ ସଂକ୍ରମିତ ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ପ୍ରଦାନ କରିବା ପାଇଁ ବାହ୍ୟରୋଗୀ ୱାର୍ଡ଼ରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ କିଛି ଦିନ ମଧ୍ୟରେ ଚିକିତ୍ସା ପ୍ରୋଟୋକଲ୍ ସ୍ଥିର କରିବା

ଖ)	ଜିଲ୍ଲାସ୍ତରୀୟ ଇନ୍‌ଫ୍ଲୁଏଞ୍ଜା ଜନିତ ଅସୁସ୍ଥତା (ILI) ଓ ତିକ୍ତଉତ୍କଟ ଶ୍ୱାସପ୍ରଶ୍ୱାସ ଜନିତ ଅସୁସ୍ଥତା (SARI) ସଂପର୍କୀତ ତଥ୍ୟ ନିୟମିତ ଭାବରେ ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀ ଅନୁଷ୍ଠାନ ମାନଙ୍କ ଠାରୁ ସୂଚନା ସଂଗ୍ରହ କରି (HMIS) ସର୍ବସାଧାରଣଙ୍କର ଅବଗତ ନିମନ୍ତେ ପ୍ରଦାନ କରିବା ।

ଗ)	ଜିଲ୍ଲାସ୍ତରୀୟ କୋଭିଡ୍-୧୯ ରେ ଆକ୍ରାନ୍ତ ରୋଗୀମାନଙ୍କର ସୂଚନା ପ୍ରଦାନ କରିବା । ଏହା କେବଳ ଜନସାଧାରଣଙ୍କୁ ସାହାଯ୍ୟ କରିବ ନାହିଁ, ପରନ୍ତୁ ସମଗ୍ର ସ୍ୱାସ୍ଥ୍ୟଯତ୍ନ ପ୍ରଦାନକାରୀ ବ୍ୟବସ୍ଥାକୁ ପ୍ରସ୍ତୁତ ହେବାରେ ମଧ୍ୟ ସହାୟକ ହୋଇପାରିବ ସ୍ୱାସ୍ଥ୍ୟକ୍ଷେତ୍ର ପ୍ରସ୍ତୁତି ପାଇଁ ଆମର କାର୍ଯ୍ୟକାରୀ ଦଳ ଗଠନ ହେବା ସହିତ ସରକାରଙ୍କୁ ଏହି ସଂପର୍କରେ ଅବଗତ କରିବା ଚାଲୁ ରହିଛି । ଅଧିକନ୍ତୁ, ପ୍ରତ୍ୟେକ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଆମର ସ୍ୱାସ୍ଥ୍ୟ ବିଭାଗ ସହିତ ହସ୍ତକ୍ଷେପ ଜାରି ରହିଛି ।

୩. **ସରକାରଙ୍କୁ ଆମର ଦୃଷ୍ଟି ଆକର୍ଷଣ କରୁ ଯେ :** ସର୍ବସାଧାରଣଙ୍କୁ ସୂଚନା ପ୍ରଦାନ କରନ୍ତୁ । ଆତଙ୍କକୁ ପ୍ରତିହତ କରିବା ପାଇଁ ଆମେ ସାହାଯ୍ୟ କରିବୁ । ସମସ୍ତ ବେସରକାରୀ ସଂସ୍ଥାମାନଙ୍କୁ ବିଶେଷତଃ ଲୋକ ସ୍ୱାସ୍ଥ୍ୟ ଅଭିଯାନ, ବିଜ୍ଞାନ ଅଭିଯାନ, ସମସ୍ତ ବାଣିଜିକ ସଂଗଠନ ଏବଂ ଲୋକ ସଂଗଠନ ସମୂହକୁ ସାମିଲ କରନ୍ତୁ, ଯେଉଁମାନେ ବର୍ତ୍ତମାନର ଆବଶ୍ୟକତା – ସଂଗରୋଧ, ପରୀକ୍ଷା, ଚିକିତ୍ସା ଏବଂ ଚିହ୍ନଟ କରିବା ସହିତ ସାମାଜିକ ଦୂରତା ରଖିବା ପାଇଁ କାମ କରିବା ସହିତ ଆତଙ୍କ ପ୍ରତିହତ କରିବା ପାଇଁ ଲୋକଙ୍କୁ ସାହାଯ୍ୟ କରିବେ । ଏହା ଲୋକମାନଙ୍କର ବ୍ୟାପକ ସହଯୋଗ ଏବଂ ଲୋକଙ୍କର ଭରଷା ବିନା କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ । ଆମେ, ଜନସ୍ୱାସ୍ଥ୍ୟ ଅଭିଯାନ ଦଳ ସତର୍କ କରାଇ ଦେଉଛୁ ଯେ, ବନ୍ଦକରି ରଖିବା ଏବଂ ସାମାଜିକ ଦୂରତା ଯଦିଓ ଦରକାର ସେ ସବୁ ଅସ୍ଥାୟୀ, ପ୍ରଭାବହୀନ ଏବଂ ଅସଂପୂର୍ଣ୍ଣ ସମାଧାନ-ଏବଂ ଯାହାକି ମହାମାରୀକୁ ପ୍ରତିହତ କରିବା ପାଇଁ ମୁଖ୍ୟ ମାଧ୍ୟମ ବୋଲି ପ୍ରତିଫଳିତ କରିବା ଉଚିତ୍ ନୁହେଁ ।

୪. ଏହି ସପ୍ତାହର ଖବର ଆରମ୍ଭ ହେଲା ଯେ, ସରକାର ଏକ ବଡ଼ ଖରିଦ କରିବେ, ଯାହାକି ବ୍ୟକ୍ତିଗତ ସୁରକ୍ଷା ଯନ୍ତ୍ର, ୫୦୦୦ ଭେଣ୍ଟିଲେଟର, ଚିକିତ୍ସାଳୟ ମାନଙ୍କୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବାରେ ଏବଂ ଜିଲ୍ଲାସ୍ତରୀୟ ପ୍ରଭାବ ନିରୋଧ କରିବା ନିତୀ ଆପଣେଇବା ପାଇଁ ପଦକ୍ଷେପ ନେବା ଇତ୍ୟାଦି । ଏ ପ୍ରତ୍ୟେକ ସତେ ଦିଶାରେ ଆଗୋଉଥିବା ପଦକ୍ଷେପ । ଆମେ ମଧ୍ୟ ବ୍ୟକ୍ତ କରୁ ଯେ, DG-ICMR, ମାର୍ଚ୍ଚ ୨୨ ତାରିଖରେ ହୋଇଥିବା ପ୍ରେସ ଇସ୍ତାହାରରେ ପ୍ରତିଶୃତିବଦ୍ଧ ଯେ, ସପ୍ତାହକୁ ୬୦,୦୦୦ ପରୀକ୍ଷା କରିପାରିବାର ଦକ୍ଷତାକୁ ସେ ବୃଦ୍ଧିକରିବେ । ଆମେ ସବୁ ଯେ, ଏହା ଦୁଇ ସପ୍ତାହ ପୂର୍ବରୁ ଆରମ୍ଭ କରିବାର ଥିଲା, କିନ୍ତୁ ସେ କହନ୍ତି, କିଛି ନ ହେବା ଅପେକ୍ଷା ବିଳମ୍ବରେ ହେବାଭଲ । ସଠିକ ସୂଚନା ମାଧ୍ୟମରେ ଚିହ୍ନଟ ପ୍ରାଦୁର୍ଭାବ ସ୍ଥଳ ସମୂହକୁ ଅବରୋଧ କରିବା ଦିଗରେ ସହାୟକ ହୋଇପାରିଥାନ୍ତା, ଅତଏବ, ଆମେ ସତର୍କ କରୁଅଛୁ ଯେ, ଚିହ୍ନଟ ହୋଇଥିବା ସ୍ଥାନ ଖୁବ୍ ନଗଣ୍ୟ । ଅଳ୍ପରୋଗୀଙ୍କୁ ସ୍ୱତନ୍ତ୍ର ନିଦାନରେ ଚିହ୍ନଟ କରିବା ପରେ କୋଭିଡ୍-୧୯ ର ଖୁବ୍‌କମ୍ ସଂଖ୍ୟକ ପରୀକ୍ଷା, ଏହା ସହିତ ବିଭିନ୍ନ ରାଜ୍ୟରେ ସ୍ଥିରୀକୃତ ସ୍ଥାନରେ ବହୁଳ ଭାବରେ ସେଣ୍ଟିନଲ୍ ସର୍ଭାରଭାନ୍ସ ପରୀକ୍ଷା କରିବା ମାଧ୍ୟମରେ ଅଣଲାକ୍ଷଣିକ ସାଧାରଣ ଓ ଉତ୍କଟ ଅସୁସ୍ଥତାର ଅନୁପାତ ସମୂହ ଜାଣିବାରେ ସହାୟକ ହୋଇପାରିବ ।

୫. **ଆମେମାନେ ଉଦ୍‌ବିଗ୍ନଯେ, ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ଶିଖିବା ର ବକ୍ରରେଖା ମଧରେ ଅଛି ଏବଂ ଏକ ଅସୁବିଧାର ସମ୍ମୁଖିନ ହେବା ପରେ ଯେପରିକି, ଏକ ବସ୍ତୁର ପ୍ରସ୍ତୁତିକରଣ, ସଂଗ୍ରହ ଏବଂ ପରିଚାଳନା କରିବା ପରେ ହିଁ ଏହି ଅସୁବିଧାକୁ ମାନିବ ।** ଆମେ ଏକ ଲୋକ ସ୍ୱାସ୍ଥ୍ୟ ଅଭିଯାନ, ବିଜ୍ଞାନ ଅଭିଯାନ ଏବଂ ଏଥିସହିତ ସଂଗଠନ ସହିତ ଜଡ଼ିତ ଥିବା ବ୍ୟକ୍ତିବିଶେଷଙ୍କୁ ନେଇ ଏକ କାର୍ଯ୍ୟକାରୀ ଦଳ ଗଠନ କରିଛୁ ଯେଉଁମାନେ ଭାରତୀୟ ପ୍ରସ୍ତୁତୀକାରୀ ଦକ୍ଷତା ସହ ଏକ ବାଣିଜିକ ନିତୀ ବିକାଶ କରିବା ସହ ଭାରତୀୟ ସ୍ୱାସ୍ଥ୍ୟ ନିରାପତ୍ତା, ବିଳମ୍ବ ଆସ୍ଥା ଏବଂ ସାର୍ବଭୌମତ୍ୱ ସହ ନିରବଚ୍ଛିନ୍ନ ସେବା ଯୋଗାଇବା ପାଇଁ ସରକାରଙ୍କୁ ପ୍ରବର୍ତ୍ତାଇବା ପାଇଁ ସଂଘର୍ଷ ବାରି ରଖିବେ । ସେମାନେ ସଂଗ୍ରହ କରିବା ସମୟରେ ଉପୁଜୁଥିବା ଅସ୍ତ ପ୍ରତିବନ୍ଧକ ଏବଂ ବିକାଶଶୀଳ ଦେଶ ମାନଙ୍କ ଠାରୁ ଆମଦାନୀ ସମୟରେ ହେଉଥିବା ଅସୁବିଧା ଓ ବ୍ୟୟ ନକରିପାରିବାର ଅସାମର୍ଥତା ବିଷୟରେ ଅବଗତ । ପରୀକ୍ଷାକରିବା ଓ ଚିକିତ୍ସାକରିବାର ଏହି କାର୍ଯ୍ୟକାରିଣୀ ସରକାରଙ୍କୁ ଉପଦେଶ ପ୍ରଦାନ କରିବା ସହ ଏହି କ୍ଷେତ୍ରରେ ଘଟିଥିବା ବିକାଶକୁ ସର୍ବସାଧାରଣଙ୍କୁ ସୂଚିତ କରିବେ, ଏବଂ ଏହି ସଭ୍ୟମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ସ୍ୱଚ୍ଛ ବିଜ୍ଞପ୍ତିରେ ହାଜର ହୋଇପାରିବେ ।

୬. **ପୃଥିକୀକରଣ, ସଂଗରୋଧ ଏବଂ ସାମାଜିକ ଦୂରତ୍ୱ ଯେପରି ଭାବରେ ଅଭ୍ୟାସ ଏବଂ ଧାର୍ଯ୍ୟ କରାଯାଇଛି, ଦିଆଯାଇଥିବା ସୂଚନା ଓ ସେଥିରେ ଥିବା ସାଘାଂତିକ ଅଭାବକୁ ନେଇ ଆମେ ମଧ ଉଦ୍‌ବିଗ୍ନ** ଅନେକ ପ୍ରସଙ୍ଗରେ ଘରୋଇ ସଂଗରୋଧ ନିଶ୍ଚିତ କରିବା ଅସାମାର୍ଥତା ଯୋଗୁଁ ଆନୁଷ୍ଠାନିକ ସଂଗରୋଧକୁ ବିଚାରକୁ ନେବା ଉଚିତ୍ । ମାନବିକ ଅଧିକାର ସଂପର୍କୀତ ପ୍ରମୁଖ ସମସ୍ୟା ମଧ ଏଥିରେ ଅଛି । ଏପରିକି ଏକ ଅଣ ପ୍ରାଧିକୃତ ସରକାର ମାନବିକ ଅଧିକାର ଓ ନୈତିକତା ଥିବା ଉଦାର ଭାବନା ସଂପୂର୍ଣ୍ଣ ଥିବା ସତ୍ୱେ, ଏପରି ସମୟରେ ଅଧିକାରକୁ ଅପବ୍ୟବହାର କରିବା ମଧ ଘଟିପାରେ । ଏହି ଭଳି ସମସ୍ୟା ସହିତ କାର୍ଯ୍ୟରେ ସଂପୃକ୍ତ ଥିବା ନାଗରିକ ସଂଗଠନର ମତାମତ ଓ ବିଚାରକୁ ଗ୍ରହଣ କରି ଏଥିରେ ସୁଧାର ଅଣାଯାଇପାରେ । ଏହା କେବଳ ନୈତିକତା କାରଣରୁ ନୁହେଁ, ଏହା କୌଶଳ ସମୂହର କାର୍ଯ୍ୟକାରୀତା ଯୋଗୁଁ ନିହାତି ଅତ୍ୟାବଶ୍ୟକ । ଉଦାହରଣ ସ୍ୱରୂପ – ମୁମ୍ବାଇ ଓ ଦିଲ୍ଲୀ ବିମାନ ବନ୍ଦରରେ ଓହ୍ଲାଇଥିବା ଲୋକଙ୍କୁ ଚିହ୍ନିତ କରାଯାଇଥିଲା, ଘରୋଇ ସଂଗରୋଧରେ ରହିବା ପାଇଁ, ଯାହାକି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଥିଲା ଯେ, ଏହା ଅପବାଦ ପାଇଁ ଦ୍ୱାର ଉନ୍ମୁକ୍ତ ରଖେ । କିନ୍ତୁ ସେମାନଙ୍କୁ ଯାତ୍ରା କରିବା ପାଇଁ ଏକ ସଂପୂର୍ଣ୍ଣ ଦିନ ଲାଗିଥାନ୍ତା, ସେମାନଙ୍କ ଘରେ ପହଞ୍ଚିବାରେ ଏବଂ ଏଥିପାଇଁ ସେମାନେ ସର୍ବ ସାଧାରଣ ପରିବହନ ବ୍ୟବସ୍ଥା ଆପଣେଇଥାନ୍ତେ। କିମ୍ବା ଉଦାହରଣ ସ୍ୱରୂପ, ଘରୋଇ ସଂଗରୋଧ ଭାଙ୍ଗୁଥିବା ସନ୍ଦେହରେ ଲୋକଙ୍କ ବିପକ୍ଷରେ ଏଫ୍.ଆଇ.ଆର୍ ଦେବା କିମ୍ବା ଅଲଗା ରଖିବା ପାଇଁ ଅନାବଶ୍ୟକ ଶାରିରୀକ ବଳ ପ୍ରୟୋଗ .. କିମ୍ବା ଡାକ୍ତରଖାନା ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଅସ୍ୱୀକାର କରିବାରେ । ଏହିଭଳି ଘଟଣା ଗୁଡ଼ିକର ମାତ୍ରା ଓ ଅପବ୍ୟବହାର ଗୁଣିତକ ଭାବରେ ବଢ଼ିଚାଲେ । ଏହାକୁ ଯଦି ଅତିଶୀଘ୍ର ହ୍ରାସ କରାନଯାଏ, ଏହା ପରିବାର ସମୂହକୁ ବ୍ୟାପିଯାଏ । ଘରେ ଗୋଷ୍ଠିମାନେ ମଧ, ସେମାନଙ୍କର ବିଶ୍ୱାସ ଏବଂ ଆସ୍ଥା ହରେଇ ବସିବେ, ଫଳରେ ସେମାନେ ଅସୁସ୍ଥତାକୁ ଏବଂ ତାଙ୍କର ଯାତ୍ରା କରିଥିବା ବିଷୟକୁ ଲୁଚାଇ ରଖିବେ । ଏହା ଏକ ବିଶାଳ ଭୟ ମିଶ୍ରିତ ପ୍ରତିରୋଧକୁ ଅଗ୍ରସର ହେବ । ତେଣୁ ସରକାର – ମତାମତ ନେବା ପାଇଁ ଯୋଗାଯୋଗର ପ୍ରଣାଳୀକୁ ଖୋଲା ରଖିବା ଦରକାର । ଆମର କାର୍ଯ୍ୟରତ ଦଳ ଯେଉଁମାନେ "ଶାରିରୀକ ଦୂରତ୍ୱ ଏବଂ'' ସଂଗରୋଧ ପାଇଁ କାର୍ଯ୍ୟରତ ସେମାନେ ସାପ୍ତାହିକ ଭାବରେ ସୂଚନା ସମୂହ ଉଭୟ ସରକାର ଏବଂ ସର୍ବସାଧାରଣ ସଂଗଠନ ମାନଙ୍କୁ ପ୍ରଦାନ କରିବେ ।

୭. **<u>ସାମାଜିକ ଦୂରତ୍ୱ , ବିଚ୍ଛିନ୍ନତା ଏବଂ ଗୃହ ସଂଗରୋଧ ବାବଦରେ ପ୍ରଦାନ କରାଯାଇଥିବା, ବହୁତ ସାଂପ୍ରତିକ ସୂଚନା ସମୂହ କେବଳ ମଧ୍ୟରେ, ସମ୍ଭ୍ରାନ୍ତଶ୍ରେଣୀୟ ବ୍ୟକ୍ତି ବିଶେଷ ଏବଂ ତଦନୁଯାୟୀ ଉଚ୍ଚ ସାମାଜିକ ସ୍ତର ବିଶେଷ ବ୍ୟକ୍ତି ସମୂହ ଯିଏ କି ପ୍ରଶାସନିକ ଓ ରାଜନୈତିକ  ନେତୃବୃନ୍ଦଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ ନିଷ୍ପତ୍ତି ନେଇଥାନ୍ତି ।</u>** ସେମାନେ ସଂପୂର୍ଣ୍ଣଭାବରେ ଗରୀବ ଏବଂ ବହୁଳଭାବେ କାର୍ଯ୍ୟରତ ବ୍ୟକ୍ତି ଓ ସେମାନଙ୍କର ପରିବାର ମାନଙ୍କୁ ଅପ୍ରାସଂଗିକ ଭାବେ ସଂପୂର୍ଣ୍ଣଭାବେ ଛାଡ଼ିଦେଇଥାନ୍ତି । ସୂଚନା ସମୂହ ମଧ୍ୟ ଦୁଇଟି ଭିନ୍ନ ବିଷୟକୁ ମିଶ୍ରଣ କରିଥାଏ, (ଯେପରି କିଛି ଲୋକ  ଅନୁସରଣ କରିପାରିବେ) ଘରୋଇ ସଂଗରୋଧ (ଯେଉଁଠାରେ ସର୍ବସାଧାରଣ ସ୍ୱାସ୍ଥ୍ୟ ଭିତ୍ତିକ ସଂରଚନା ଏବଂ ଗୃହକୁ ଗୃହ ସଂଗରୋଧ ବ୍ୟବସ୍ଥା ତଦାରଖ କରିବା ସୁଦୃଢ଼ ଥାଏ, ଏବଂ ସାମାଜିକ ଦୂରତ୍ୱ (ଯେଉଁଠାରେ ଅନେକ କ୍ଷେତ୍ରରେ କାର୍ଯ୍ୟକାରୀ ସମାଧାନ ଠାରୁ ଆକାଂକ୍ଷିତ ସମାଧାନ ଏବଂ ଯେଉଁଥିରୁ ଆମେ ଅଧିକ କିଛି ଆଶା କରିପାରିବା ନାହିଁ ) । ସାମାଜିକ ଦୂରତ୍ୱ ସମ୍ବନ୍ଧୀୟ ସୂଚନା ଗୁଡ଼ିକ ଗୋଷ୍ଠିର ମହାମାରୀ ବ୍ୟାପିବା ପାଇଁ ଲୋକଙ୍କୁ ନିନ୍ଦା କରିବାର ସୁଯୋଗ ସୃଷ୍ଟି ନକରୁ, କିମ୍ବା ଗୋଷ୍ଠିକୁ ଉତ୍ତରଦାୟିତ୍ୱ ନେବା ପାଇଁ ଦାୟିତ୍ୱ ପରିବର୍ତ୍ତନ ନକରୁ । କଥନୀୟ, ପରିହାରକ୍ଷମ ଅସୁସ୍ଥତା ଓ ମୃତ୍ୟୁକୁ ପୁନଶ୍ଚ ରୋକିବା ପାଇଁ ବ୍ୟକ୍ତିବିଶେଷ ଏବଂ ପରିବାର ନିଜକୁ ସୁରକ୍ଷିତ ରଖିବାରେ ଦାୟିତ୍ୱକୁ ହ୍ରାସ କରିବା ଉଚିତ୍ ନୁହେଁ । ଗୋଷ୍ଠି ସହଭାଗିତା ପାଇଁ ଆମର କାର୍ଯ୍ୟରତ ଦଳ, କାମକରୁଥିବା ବିଭିନ୍ନ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତାକୁ ମେଣ୍ଟେଇବାରେ ନୂତନ ନିର୍ଦ୍ଦେଶନାମା ପ୍ରଦାନ କରିବା ସହ କାର୍ଯ୍ୟପନ୍ଥାର ବିକାଶ କରିବା ଉଚିତ୍ । ଏହା ମଧ୍ୟ ବୃହତ ସାମ୍ଭାବ୍ୟ ଏକତ୍ରୀକରଣ କୁ ଗଠନ କରିବା ଉଚିତ୍ ଯେପରି ଏହି ସୂଚନା ସମୂହ ଲୋକଙ୍କ ପାଖରେ ପହଞ୍ଚିପାରିବ । ଗୋଷ୍ଠି ସହଯୋଗ ଏବଂ ସଂହତି ପାଇଁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବାରେ ଏହି ଦଳ କ୍ରିୟାଶୀଳ ରହିବ ।

୮. **<u>ତାଲାବନ୍ଦ ସମ୍ବନ୍ଧରେ ଆମେ ମଧ୍ୟ ଯଥେଷ୍ଟ ଚିନ୍ତିତ :</u>** ଏକ ପକ୍ଷରେ ନୈତିକତା ଏବଂ ଅଧିକାର ସମୂହର ଅପବ୍ୟବହାର ସମ୍ବନ୍ଧରେ ଆମେ ଚିନ୍ତିତ । ଅନ୍ୟପକ୍ଷରେ, ତାଲାବନ୍ଦର ଅବଧି ଏବଂ ତାଲାବନ୍ଦର ମାତ୍ରା ଓ ପରିମାଣ । ଏହା ସହିତ ତାଲାବନ୍ଦକୁ ପଥପ୍ରଦର୍ଶକ କରିବା ପାଇଁ ଉପଯୁକ୍ତ ପ୍ରମାଣର ଅଭାବ । ପୁନଶ୍ଚ, ତାଲାବନ୍ଦର ଘୋଷଣା ଅନେକ ଯାଗାରେ ଯଥା ବିଜ୍ଞପ୍ତି ବିନା କରାଯାଇଛି, ଫଳରେ କିଣାକିଣି କରିବାରେ ଜନସାଧାରଣ ଭିତତ୍ରସ୍ତ ଏବଂ ଅଣ ସଂଗଠିତ କ୍ଷେତ୍ରରେ କର୍ମରତ ପ୍ରବାସୀ ଲୋକ ସମୂହ ଓ ଶ୍ରମିକ ବର୍ଗ ଯେଉଁମାନେ ଯଥେଷ୍ଟଦୂରରେ କାର୍ଯ୍ୟରତ ସେମାନଙ୍କ ଫେରିବା ସମୟରେ, ରାସ୍ତାରେ ଅତ୍ୟନ୍ତ ଜନଗହଳି ପୂର୍ଣ୍ଣ ବସ୍ ଓ ଟ୍ରେନ୍‌ରେ ନିଜକୁ ସଂକ୍ରମଣର ଶିକାର କରିଥାଇପାରନ୍ତି । ପୁନଶ୍ଚ ଗ୍ରାମ୍ୟଣ ସର୍ବସାଧାରଣ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅଭାବ ଯୋଗୁଁ ରୋଗ ସଂକ୍ରମଣ ବଢ଼ିବାର ବିପଦକୁ ଏଡ଼ାଇ ଦିଆଯାଇନପାରେ । ତାଲାବନ୍ଦ କରିବାର ମାନଦଣ୍ଡ ଉପରେ ସରକାରଙ୍କର ସ୍ପଷ୍ଟତା ରହିବା ଆବଶ୍ୟକ ଏବଂ ନିର୍ଦ୍ଧାରଣ / ମାପକ ଥିବା ଦରକାର ଯେ କେବେ ତାଲାବନ୍ଦ ଉଠାଇ ଦିଆଯିବ । ଅଭିଜ୍ଞତ ଥିବା ସର୍ବସାରଣଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମତ ଏହି ଯେ, ଯଦିଓ କିଛି ଦିନ ମଧ୍ୟରେ ରୋଗର ପ୍ରାଦୁର୍ଭାବ କମିଯିବ, ଆମକୁ ତାଲାବନ୍ଦ କରି ରଖିବା ବେଶୀଦିନ ପର୍ଯ୍ୟନ୍ତ କରାଯାଇପାରେ, କାରଣ ରୋଗ ଫେରିଆସିବାର ସମ୍ଭାବନାକୁ ଆଖି ଆଗରେ ରଖାଯିବ । ବର୍ହିଃରୋଗୀ ବିଭାଗକୁ ବନ୍ଦକରିବାର ପ୍ରାବଧାନ, ସର୍ବସାଧାରଣ ଯାତାୟତର ସଂପୂର୍ଣ୍ଣ ନିରୋଧ ରୋଗୀଣା ଲୋକମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇ ନପାରିବା ଯୋଗୁଁ ଫଳାଫଳ ଘୋର ଭୟାନକ ହୋଇପାରେ । ତେଣୁ ସରକାର ଚିନ୍ତାଶୀଳ ଭାବରେ ତାଲାବନ୍ଦର ପ୍ରୋଟୋକଲ୍‌କୁ ତଦାରଖ ଓ ନିର୍ଦ୍ଧାରଣ କରିବା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଉଚିତ୍ । ଅତି ପ୍ରମୁଖ

ଓ ବିରାଟ ଚିନ୍ତା ଐହି ଯେ, ଧ୍ୱଂସକାରୀ ଅର୍ଥନୈତିକ ଦୁରାବସ୍ଥାର ଫଳାଫଳ । ବିଶେଷତଃ ସଂଖ୍ୟାଗରିଷ୍ଠ ଗରୀବ, ଖଟିଖିଆ, ରାସ୍ତାକଡ଼ରେ ବସବାସ କରି ଜୀବନ ଓ ଜିବିକା ସହ ପ୍ରତ୍ୟେକ ଦିନ ଯୁଝୁଥିବା ମଣିଷ ମାନେ ଯେଉଁମାନେ ତାଲାବନ୍ଦ ଯୋଗୁଁ ପ୍ରଭାବିତ । ଯେତେବେଳେ ଏହି ସଂକଟ ଆସିଛି, ସେତେବେଳେ ଅଭୂତପୂର୍ବ ଅର୍ଥନୈତିକ ଦୂରାବସ୍ଥା, କାମଧନ୍ଦା ଓ ଆୟର ଅଭାବ ଦେଖାଦେଇଛି । ବହୁଳ ମାତ୍ରାରେ କରପୋରେଟ୍ ସଂସ୍ଥାମାନଙ୍କୁ ସୁବିଧାସୁଯୋଗ ଏବଂ ଅର୍ଥନୈତିକ ପୁଂଜି ପ୍ରଦାନ କରିବା, ସରକାରଙ୍କର ସଂଙ୍କଟକୁ ପ୍ରତିହତ କରିବାର କ୍ଷମତାକୁ ଦୁର୍ବଳ କରିଦେଇଛି । ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାଜମଂଗଳ କ୍ଷେତ୍ରରେ ବିନିଯୋଗ କରାଯିବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଖର୍ଚ୍ଚକୁ ସାଲିସ୍ କରାଯାଇଛି । ଏହି ସର୍ବଦେଶୀୟ ମହାମାରୀ ରୋଗ ଏକ ବିପ୍ଳାତ ରୂପେ ସରକାରୀ କଳର ସର୍ବାଗ୍ରେ ଉଭା ହୋଇଛି ଏବଂ ଏହା ଏକ ସମସ୍ୟାର ଧାରକୁ ଟାଣୁଛି ।

ଏହି କ୍ଷେତ୍ରରେ ଆମର କାର୍ଯ୍ୟରତ ଦଳ ବିଜ୍ଞାନ ଅଭିଯାନ ଓ କାର୍ଯ୍ୟରତ ଲୋକ ସଂଗଠନ ସହିତ କାମ କରିଆସୁଛନ୍ତି । ଯାହା ଫଳରେ, ଏହି ରୋଗ ବିପ୍ଳାତ ଦ୍ୱାରା ସୃଷ୍ଟ ସାମାଜିକ ଏବଂ ଅର୍ଥନୈତିକ ସଂକଟକୁ ସମାଧାନ ଓ ପ୍ରତିରୋଧ କରିବା ଉଦ୍ଦେଶ୍ୟରେ ଯେଉଁ ଆଞ୍ଚଳିକ ଗୋଷ୍ଠି କାର୍ଯ୍ୟକ୍ରମ ଓ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ ସ୍ୱଷ୍ଟ ହୋଇପାରିବ ।

୯. ଆମେ ଏହି ବିବୃତ୍ତିକୁ ଉନ୍ମୋଚନ କରିବାକୁ ଗଲାବେଳେ ଖବର ଆସେ ଯେ, ସରକାର ଦେଶସାରା ୨୧ ଦିନିଆ ତାଲାବନ୍ଦ ଘୋଷଣା କରିଛନ୍ତି । ଆମେ ଉଦ୍‌ବିଗ୍ନତାର ସହିତ ଚିନ୍ତିତ ଯେ, ସରକାର ସାମାଜିକ ଦୂରତ୍ୱ ଏବଂ ତାଲାବନ୍ଦକୁ ଆଗଭର ହେବା ସହିତ ପ୍ରୋତ୍ସାହିତ କରୁଛନ୍ତି । ଏହାକୁ ମଧ୍ୟ ଏହି ମାହାମାରୀର ଏକମାତ୍ର ସଫଳ ପ୍ରତିକାର ରୂପେ ବିବେଚନା କରୁଛନ୍ତି । କିନ୍ତୁ ଏହା ପ୍ରମାଣିତ ଯେ, ସାମାଜିକ ଦୂରତ୍ୱ ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ଯାହାକି ସରକାର ନିଶ୍ଚିତ ଭାବରେ ଗ୍ରହଣ କରନ୍ତୁ, ଏହା ଉପଯୋଗୀ ହୋଇଥାଇପାରେ, କିନ୍ତୁ ଗୋଟିଏ ସମାଧାନର ସୂତ୍ର ଯଥେଷ୍ଟ ନୁହେଁ । ତାଲାବନ୍ଦ ଦ୍ୱାରା ଏହା ପ୍ରମାଣିତ ଏବଂ ସୁସ୍ପଷ୍ଟ , ଆମେ ଜାଣୁ ଯେ. ଦକ୍ଷିଣ କୋରିଆ ଓ ତାଇୱାନ ଭଳି ଦେଶ ତାଲାବନ୍ଦ ନ କରି ମଧ ବେଶ ଭଲ କରିଛନ୍ତି । ଆମେ ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରୁଅଛୁ ଯେ, ବହୁଳ ରୋଗ ପରୀକ୍ଷଣ, ପୃଥକୀକରଣ ଏବଂ ସଂକ୍ରମିତ ବ୍ୟକ୍ତିକୁ ଖୋଜି ଚିହ୍ନଟ କରିବା ପଦ୍ଧତି ଆପଣାଇଥିବା ଦକ୍ଷିଣ କୋରିଆ ଓ ସମସ୍ତ ସଫଳ ଜାତୀୟ ନିୟନ୍ତ୍ରଣ ପଦ୍ଧତିରୁ ଶିଖିବା ଉଚିତ୍ । ଅତି ଉତ୍ତମ ତାଲାବନ୍ଦ, ସରକାରଙ୍କର ସମୟ ନେଇଥାଏ, ଯେଉଁଥିରେ ସ୍ୱାସ୍ଥ୍ୟବିଭାଗ ନିଜକୁ ପ୍ରସ୍ତୁତି କରିଥାଏ । ଏହା ପରେ ସରକାର ନିଜର କାର୍ଯ୍ୟକ୍ରମକୁ କେନ୍ଦ୍ରିତ କରିପାରିବେ । ଆମେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରୁଅଛୁ ଯେ, ଯେଉଁଠି ରୋଗ ବ୍ୟାପିବାର ପ୍ରମାଣକୁ ନେଇ ଗୁଣାତ୍ମକ ତଥ୍ୟ ଅଛି ସେଠାରେ ତାଲାବନ୍ଦ କରିବାର ଯୋଜନା ସହିତ କାର୍ଯ୍ୟକ୍ରମକୁ ସେହି ଜିଲ୍ଲା ଓ ପ୍ରଦେଶରେ । କେନ୍ଦ୍ରିଭୁତ କରନ୍ତୁ, କିନ୍ତୁ ସମସ୍ତ ଦେଶକୁ ତାଲାବନ୍ଦ କରନ୍ତୁନାହିଁ । ତାଲାବନ୍ଦ ସମୟରେ, ପୋଲିସ ଏବଂ ଅମଲାତନ୍ତ୍ରୀ ମାନଙ୍କ ଦ୍ୱାରା କରାଯାଇଥିବା ଉଗ୍ର, ଅତ୍ୟଧିକ ଶାସନ ପାଇଁ ଆମେ ଚିନ୍ତିତ, କିନ୍ତୁ ଆମେ ସେମାନଙ୍କ ଠାରୁ ଅଧିକ ଆବଶ୍ୟକୀୟ ସମ୍ବେଦନଶୀଳ ବ୍ୟବହାର ଆଶାକରୁ । ଆମେମାନେ ଅତ୍ୟଧିକ ଭାବରେ ଚିନ୍ତିତ ଯେ, ଯେଉଁ ବିବରଣୀ ସବୁ ସ୍ୱାସ୍ଥ୍ୟସେବା ପାଇଁ ଗୁରୁତ୍ୱପୂର୍ଣ୍ଣ ଯଥା : ବର୍ହିବିଭାଗ ରୋଗୀ ସେବା, ଯକ୍ଷ୍ମା, ଏଚ୍. ଆଇ.ଭି ଏବଂ ମାତୃତ୍ୱ ସେବା ଇତ୍ୟାଦି ବହୁଳ ଭାବେ ଏହି ତାଲାବନ୍ଦ ଯୋଗୁ ପ୍ରଭାବିତ ହୋଇଥାଏ । ଏହା ସହିତ ସମସ୍ତ ସମ୍ବଳ, ଧ୍ୟାନ ଏବଂ ଉଦ୍ୟମ ଗୋଟିଏ ରୋଗପାଇଁ କେନ୍ଦ୍ରୀଭୁତ ହେବା ଦେଖା ଯାଇଥାଏ । ଅଧିକନ୍ତୁ, ରାଜ୍ୟ ବାହାରର ଦାଦନ ଶ୍ରମିକ, ଅଣ

ସଂଗଠିତ ଶ୍ରମିକ ଓ ଦୈନିକ ମଜୁରୀରେ ପେଟ ପୋଷୁଥିବା ଲୋକମାନଙ୍କ ପାଇଁ ମଂଗଳ ଜନିତ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭାବ ପରିଲକ୍ଷିତ ହେବ । ତାଲାବନ୍ଦ ଯୋଗୁଁ ହୋଇଥିବା ସହପାର୍ଶ୍ୱିକ ଫଳାଫଳ ଦ୍ୱାରା ବାସ୍ତବିକ ମୃତ୍ୟୁ ଅଧିକ ଭାରୀ ହୋଇପଡ଼ିବ ଯାହାକି ତାଲାବନ୍ଦ ଯୋଗୁଁ ହେଇଥିବା ସୀମିତ ସୁବିଧା ଠାରୁ ମୂଲ୍ୟବାନ ।

ଅଧିକ ସୂଚନା ପାଇଁ, ଦୟାକରି ସଂପର୍କ କରନ୍ତୁ :
ଟି. ସୁନ୍ଦରମଣ – ୯୯୮୭୪-୩୮୨୫୩
ଡି. ରଘୁନନ୍ଦନ - ୯୮୧୦୦୯୮୬୨୧
ସରୋଜିନ. ଏନ୍ – ୯୮୧୮୬୬୪୬୩୪
ସୁଲକ୍ଷଣା ନନ୍ଦୀ – ୯୪୦୬୦୯୦୫୯୫

ନିୟମିତ ସୂଚନା ପାଇଁ ଅନୁସରଣ କରନ୍ତୁ :
Website www.phmindia.org www.aipsn.met
Twitter @ jsa-india
Facebook @ janaswasthyaabhiyan